# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**26 August – 2025**

**********************************

## ମୁଖ୍ୟ ସମ୍ବାଦ

- ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିସ ଅନୁସାରେ କେନ୍ଦ୍ର ସରକାର ଓଡ଼ିଶାକୁ ଦେଲେ ୨୪୦ କୋଟି ଟଙ୍କା
- ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ  ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଲା ବିଜ୍ଞପ୍ତି
- ରାଜ୍ୟର ଐତିହ୍ୟ ଗୁଡ଼ିକର ସଂରକ୍ଷଣ ପାଇଁ ସରକାର ପ୍ରଣୟନ କରିବେ ଐତିହ୍ୟ ନୀତି

ଏବଂ

- ରାଜ୍ୟର ବନ୍ୟା ସ୍ଥିତିରେ ସୁଧାର; ଲଘୁଚାପ ପ୍ରଭାବରେ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଲାଗି ରହିବ ବର୍ଷା

PIB

## ପଞ୍ଚଦଶ ଅର୍ଥ କମିଶନ– କିସ୍ତି ପ୍ରଦାନ

କେନ୍ଦ୍ର ସରକାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପଞ୍ଚଦଶ ଅର୍ଥ କମିଶନ ଜରିଆରେ ମିଜୋରାମ, ଓଡ଼ିଶା ଏବଂ ତ୍ରିପୁରାର ଗ୍ରାମୀଣ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ପ୍ରଥମ କିସ୍ତିରେ ୨୮୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷର ଅନୁଦାନ ବାବଦରେ ଓଡ଼ିଶାକୁ ୬ ହଜାର ୮୫ଟି ଗ୍ରାମ ପଞ୍ଚାୟତ ଏବଂ ୬୩ଟି ବ୍ଲକ ପାଇଁ ୨୪୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି।

କେନ୍ଦ୍ର ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏବଂ ଜଳଶକ୍ତି ମନ୍ତ୍ରଣାଳୟ ଦ୍ୱାରା ରାଜ୍ୟର ଗ୍ରାମୀଣ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ପଞ୍ଚଦଶ ଅର୍ଥ କମିଶନ ଅନୁଦାନ ପ୍ରଦାନ କରିବାକୁ ସୁପାରିସ କରିଥିଲେ। ପରିମଳ, ଚିକିତ୍ସା, ଘରୋଇ ବର୍ଜ୍ୟବସ୍ତୁ ପରିଚାଳନା, ପାନୀୟଜଳ ଯୋଗାଣ ଏବଂ ବର୍ଷା ଜଳ ଅମଳ ଆଦି କ୍ଷେତ୍ରରେ ଏହି ଅନୁଦାନ ବିନିଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

Puri

## ଶ୍ରୀମନ୍ଦିର ପରିଚାଳନା କମିଟି

ରାଜ୍ୟ ସରକାର ଆଜି ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ କରିଛନ୍ତି। ଏଥିରେ ୧୦ ଜଣ ସଦସ୍ୟ ରହିଛନ୍ତି। ଏ ନେଇ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ମୁକ୍ତିମଣ୍ଡପ ପ୍ରତିନିଧି ସିଦ୍ଧେଶ୍ୱର ମହାପାତ୍ର, ସେବକ ପ୍ରତିନିଧି କୃଷ୍ଣଚନ୍ଦ୍ର ସାମନ୍ତରାୟ, ମଧୁସୂଦନ ସିଂହାରୀ, ଜଗନ୍ନାଥ ପୂଜାପଣ୍ଡା, ଗଣେଶ ଦାସ ମହାପାତ୍ର, ରାମନାରାୟଣ

ଗୋଚ୍ଛିକାର, ମଠ ପ୍ରତିନିଧି ଭାବେ ରଘୁବୀର ଦାସମହାରାଜ କମିଟିରେ ସ୍ଥାନ ପାଇଛନ୍ତି। ପୂର୍ବତନ ସିଏଜି ଗିରିଶ ଚନ୍ଦ୍ର ମୁର୍ମୁ, ଚାଟାର୍ଟ ଆକାଉଣ୍ଟାଣ୍ଟ ଏ.କେ.ସାବତ ଏବଂ ମହେଶ କୁମାର ସାହୁ ପରିଚାଳନା କମିଟିର ସଦସ୍ୟ ହୋଇଛନ୍ତି। ଆଗାମୀ ଦିନରେ ଶ୍ରୀମନ୍ଦିରରେ ଥିବା ବିଭିନ୍ନ ସମସ୍ୟାକୁ ଦୂର କରିବା ସହ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଦିଗରେ ବିଶେଷ ଧ୍ୟାନ ଦିଆଯିବ ବୋଲି ସଦସ୍ୟମାନେ ମତ ରଖିଛନ୍ତି। ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ ହୋଇଥିବାବେଳେ ଏହାର ଗଣତି ଓ ମଣତି ନେଇ ଆଗାମୀ ଦିନରେ କାର୍ଯ୍ୟ କରାଯିବ ବୋଲି କମିଟି ସଦସ୍ୟ ସୂଚନା ଦେଇଛନ୍ତି।

Malkangiri/Nayagarh/BBSR/R

## ଆମ ଶାସନ

ସରକାରୀ ବ୍ୟବସ୍ଥା ଓ ହିତାଧିକାରୀଙ୍କ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା କରି ଉତ୍ତମ ଜନସେବା ସୁନିଶ୍ଚିତ କରିବା ପାଇଁ ଆଜିଠାରୁ ରାଜ୍ୟରେ 'ଆମ ଶାସନ' ପଦକ୍ଷେପକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ କରିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ 'ଆମ ଶାସନ' ପୋର୍ଟାଲର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ସରକାର ଜନସାଧାରଣଙ୍କ ମତାମତକୁ ଅନୁସରଣ କରି ପ୍ରତ୍ୟେକ ନାଗରିକଙ୍କୁ ସେବା, ସୁବିଧା ଓ ଅଧିକାର ସୁନିଶ୍ଚିତ କରୁଛନ୍ତି।

ରାଜ୍ୟବାସୀଙ୍କ ମତାମତ ଓଡ଼ିଶାର ଭବିଷ୍ୟତ ଗଢ଼ିବା ପାଇଁ ସହାୟକ ହେବ। ଏହି ବ୍ୟବସ୍ଥାରେ ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀମାନେ ଟେଲିଫୋନ୍ ମାଧ୍ୟମରେ ଜନସାଧାରଣଙ୍କ ମତାମତ ଶୁଣିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏଥିସହ କ୍ଷେତ୍ର ପରିଦର୍ଶନ ସମୟରେ ସରକାରୀ ଅଧିକାରୀମାନେ ମୋବାଇଲ୍ ଆପ୍ ମାଧ୍ୟମରେ ଜନସାଧାରଣଙ୍କ ମତ ଗ୍ରହଣ କରିବେ। ଏ ନେଇ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ 'ଆମ ଶାସନ' ନାମକ ଏକ ସ୍ୱତନ୍ତ୍ର ପୋର୍ଟାଲ ଆରମ୍ଭ କରାଯାଇଛି। ପୋର୍ଟାଲ ଜରିଆରେ ହିତାଧିକାରୀ କୌଣସି ନିର୍ଦ୍ଦିଷ୍ଟ ସେବା ବିଷୟରେ ମତାମତ ରଖିପାରିବେ।

ଏହା ସହ ସାମାଜିକ ଗଣମାଧ୍ୟମରେ ହାସ୍‌ଟାଗ୍ ଫିଡ୍‌ବ୍ୟାକ୍ ଓଡ଼ିଶା ସହିତ ଜନସାଧାରଣ ନିଜର ମତାମତ ପୋଷ୍ଟ କରିବାକୁ ଆହ୍ୱାନ ଦିଆଯାଇଛି।

ହ୍ୱାଟ୍ସଆପ୍ ନମ୍ବର ୭୪୦୦୨୨୧୯୦୩ରେ ସିଧାସଳଖ ମତାମତ ପଠାଇ ପାରିବେ। ଟୋଲ୍ ଫ୍ରି ନମ୍ବର ୧୪୪୭୧କୁ କଲ୍ କରି ନିଜର ଆପତ୍ତି ଅଭିଯୋଗ ସିଧାସଳଖ ମଧ୍ୟ ଦେଇ ପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମାଲକାନଗିରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଏବଂ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ଓ ବିଜୟାନନ୍ଦ ନାୟକ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିବା ନେଇ ଆମ ସମ୍ବାଦଦାତା ଜଣାଇଛନ୍ତି।

Desk

## ନୂଆଖାଇ

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଉପଲକ୍ଷେ ଆସନ୍ତାକାଲି ସିଏମ୍-କିଷାନ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସହାୟତାରାଶି ପ୍ରଦାନ କରିବେ। ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର -ଡିବିଟି ମାଧ୍ୟମରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୨ ହଜାର ଟଙ୍କା ଲେଖାଏଁ ପଠାଯିବ। ଏହାଦ୍ୱାରା ରାଜ୍ୟର ୫୨ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହେବେ। ଏହି ଯୋଜନାରେ ରାଜ୍ୟ ସରକାର ୨ଟି କିସ୍ତିରେ ୪ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଥାନ୍ତି।

BBSR/R

## ନୂଆଁଖାଇ ଛୁଟି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ବର୍ଷ ନୂଆଁଖାଇର ପରଦିନ ୨୯ ତାରିଖକୁ ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ମାଜିଷ୍ଟ୍ରେରିଆଲ କୋର୍ଟ ପାଇଁ ଛୁଟି ଘୋଷଣା କରିଛନ୍ତି। ଏହା ପରିବର୍ତ୍ତେ ଆସନ୍ତା ସେପ୍ଟେମ୍ବର ୧୩ ତାରିଖ  ଦ୍ୱିତୀୟ ଶନିବାରକୁ ସରକାରୀ କାର୍ଯ୍ୟ ଦିବସ ଭାବେ ଘୋଷଷା କରାଯାଇଛି।

***Desk***

## ଉପମୁଖ୍ୟମନ୍ତ୍ରୀ ମନ୍ଦିର ସୁରକ୍ଷା

ଭୁବନେଶ୍ୱର ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ପୁରୁଣା ମନ୍ଦିରର ସୁରକ୍ଷା ଓ ସଂରକ୍ଷଣ ସଂକ୍ରାନ୍ତୀୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୩ ହଜାରରୁ ଅଧିକ ଐତିହାସିକ କୀର୍ତ୍ତିରାଜିର ପୁନରୁଦ୍ଧାର ପାଇଁ ନିଷ୍ପତ୍ତି ନିଆଯାଇଛି । ଏକ ଟାସ୍କଫୋର୍ସ ଗଠନ ସହିତ ନୂତନ ଐତିହ୍ୟ ନୀତି ପ୍ରସ୍ତୁତ ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । ସଂସ୍କୃତି ବିଭାଗ ପକ୍ଷରୁ ପ୍ରଥମେ ୭୫ଟି ଐତିହାସିକସ୍ଥଳର ପୁନରୁଦ୍ଧାର କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ।

**- V/O - (**ଉପମୁଖ୍ୟମନ୍ତ୍ରୀ- ପ୍ରଭାତୀ ପରିଡ଼ା)

ବୈଠକରେ ବିଭାଗୀୟ ମନ୍ତ୍ରୀଙ୍କ ସମେତ ପ୍ରତ୍ନତତ୍ତ୍ୱ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

***Boudh***

## କାମଧେନୁ ଯୋଜନା

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ ଛତ୍ରଙ୍ଗ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି । ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ମାଧ୍ୟମରେ ସରକାର ଆସନ୍ତା ୫ ବର୍ଷ ମଧ୍ୟରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ହାର ଦ୍ୱିଗୁଣିତ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ।

Baragarh

## ଜଳସେଚନ ପ୍ରକଳ୍ପ

ଜଳସେଚନ ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ବରଗଡ଼ ଜିଲ୍ଲା ବୁନ୍ଦେଲପାଲିଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ କହିଛନ୍ତି। ବରଗଡ଼ ବ୍ଲକ ଅନ୍ତର୍ଗତ ୧୦ଟି ପାଣି ପଞ୍ଚାୟତର ପୁନରୁଦ୍ଧାର ପାଇଁ ୧ କୋଟି ଟଙ୍କା ବ୍ୟୟ କରାଯିବା ନେଇ ବିଧାୟକ ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

***Malkangiri***

## ଶିକ୍ଷକ ସମ୍ବର୍ଦ୍ଧିତ

ମାଲକାନଗିରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଶିକ୍ଷକ ବସନ୍ତ କୁମାର ରଣାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ମାଲକାନଗିରି ଜିଲ୍ଲା ପାଇଁ ଏହା ଗର୍ବ ଓ ଗୌରବର ବିଷୟ ବୋଲି ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ କହିଛନ୍ତି। ଆସନ୍ତା ସେପ୍ଟେମ୍ବର ୫ ତାରିଖ ଗୁରୁଦିବସ ଅବସରରେ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ରଣା ପୁରସ୍କାର ଗ୍ରହଣ କରିବେ।

***Baragarh***

## ଚାଷୀ ପଞ୍ଜୀକରଣ

ବରଗଡ଼ ଜିଲ୍ଲାରେ ଗତବର୍ଷ ତୁଳନାରେ ଚଳିତ ବର୍ଷ ୮ ହଜାରରୁ ଅଧିକ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ଜିଲ୍ଲାରେ ମୋଟ ୧

ଲକ୍ଷ ୬୩ ହଜାର ୭୨୭ ଜଣ ଚାଷୀ ପଞ୍ଜୀକରଣ କରିଥିବା ନେଇ ଆମ ସମ୍ବାଦଦାତା ଜଣାଇଛନ୍ତି।

*Desk*

## ନାରୀ ସମାନତା ଦିବସ

ନାରୀମାନଙ୍କ ସଫଳତାକୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟ ନେଇ ଆଜି ପାଳନ କରାଯାଉଛି ମହିଳା ସମାନତା ଦିବସ। ସମଗ୍ର ବିଶ୍ୱରେ ମହିଳାମାନଙ୍କର ସାଂସ୍କୃତିକ, ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ସଫଳତାକୁ ଆଲୋକିତ କରିବା, ସେମାନେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକ ବିଷୟରେ ଜାଣିବା ଏବଂ ଏହାର ସମାଧାନ ଦିଗରେ କାର୍ଯ୍ୟ କରିବା ପାଇଁ ସୁଯୋଗ ସୃଷ୍ଟି କରିବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ତାଙ୍କ ଅଧିକାର, ଆମର ଭବିଷ୍ୟତ, ତୁରନ୍ତ ବର୍ତ୍ତମାନ'।

*Desk*

## ପାଣିପାଗ

ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତିକରି ଅଧିକ ଘନୀଭୂତ ହେବ। ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ରୁ ଅତିପ୍ରବଳ ବର୍ଷା ହେବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ରାଜ୍ୟର ପ୍ରାୟ ସମସ୍ତ

ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଲଘୁଚାପର ପ୍ରଭାବାରେ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବା ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି ।

ଅନ୍ୟପକ୍ଷରେ, ରାଜ୍ୟରେ ବନ୍ୟା ପରିସ୍ଥିତିରେ ସୁଧାର ଦେଖାଦେଇଛି । ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀଙ୍କର ସୂଚନା ଅନୁସାରେରାଜ୍ୟରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଆସନ୍ତାକାଲିଠାରୁ ସ୍ୱାଭାବିକ ହେବ । ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣରେଖା ନଦୀରେ ସୃଷ୍ଟ ବନ୍ୟା ପରିସ୍ଥିତିରେ ସୁଧାର ଆସୁଛି । ସନ୍ଧ୍ୟା ସୁଦ୍ଧା ଜଳସ୍ତର ବିପଦସଂକେତ ତଳକୁ ଖସିଛି । ଆଖୁଆପଦାରେ ବୈତରଣୀ ନଦୀ ବିପଦ ସଂକେତ ତଳେ ପ୍ରବାହିତ ହେଉଛି । ହୀରାକୁଦ ଜଳଭଣ୍ଡାରର ୪ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି ।

***********************************